## ସଂକ୍ଷେପରେ

### ଅଙ୍ଗଦାନ କରି ଅମର ରମେଶ



ମୋହନା,୨।୪(ମନ୍ମଥ ମିଶ୍ର): ମୋହନା ଥାନା ଅନ୍ତର୍ଗତ ବାଘମାରି ପଞ୍ଚାୟତ ଜାଲିବାଡି ଗାଁର ଜଣେ ୬୩ ବର୍ଷୀୟ ବ୍ୟକ୍ତି ଅଙ୍ଗଦାନ କରି ଅମର ହୋଇଛନ୍ତି। ସେ ହେଲେ ରମେଶ ରଣସିଂ। ଗତ ୩୧ ତାରିଖରେ ରମେଶ କୌଣସି କାର୍ଯ୍ୟରେ ବାଇକ୍ ଯୋଗେ ଯାଉଥିବା ବେଳେ ବଡ଼ସିନ୍ଧବା ଗାଁ ନିକଟରେ ଅନ୍ୟ ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେଠାରେ ରମେଶ ପଡ଼ି ଯାଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ମେଡ଼ିକାଲ ଭର୍ତ୍ତି କରାଯାଇଥିଲା। ପରେ ଶ୍ରୀକାକୁଲମରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲେ ମଧ୍ୟ ବୁଧବାର ତାଙ୍କର ବ୍ରେନ ଡେଡ୍ ହୋଇଥିବା ଡାକ୍ତର କହିଥିଲେ। ତେଣୁ ପରିବର ଲୋକଙ୍କ ସମ୍ମତିରେ ତାଙ୍କର ଲିଭର, କିଡନୀ ଓ ହାର୍ଟ ଦାନ କରାଯାଇଥିଲା। ରମେଶ ଜଣେ ସମାଜିକ କର୍ମୀ ଓ ଚାଷୀ ଭାବେ ମୋହନା ଅଞ୍ଚଳରେ ପରିଚିତ ଥିଲେ । ତାଙ୍କର ୭ଟି ଝିଅ ଓ ଗୋଟିଏ ପୁଅ । ମୃତଦେହ ଗାଁକୁ ଆସିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ବାପାଙ୍କ ପାଇଁ ଗର୍ବଅନୁଭବ କରୁଥିବା ପୁଅ ବସନ୍ତ କହିଛନ୍ତି।

### ୧୦ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ

ଶେରଗଡ଼,୨।୪(ସୂର୍ଯ୍ୟ ନାରାୟଣ ଦାଶ):

ଶେରଗଡ଼ ବ୍ଲକ ଅନ୍ତର୍ଗତ ୧୦ଟି ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ପାରମ୍ପରିକ ବାଦ୍ୟ ଢୋଲ ମହୁରୀ ବାଦ୍ୟ ମଧ୍ୟରେ ପ୍ରତି ଦଣ୍ଡ ଦଳରେ ଦଣ୍ଡୁଆମାନେ ନିଜ ନିଜ ଗ୍ରାମ ପୋଖରୀକୁ ଯାଇ ସଂକଳ୍ପ କରିଛନ୍ତି। ପରେ ଗ୍ରାମ ପରିକ୍ରମା କରି ଶିବ ମନ୍ଦିରକୁ ଆସିଥିଲେ। ଦଣ୍ଡ ବାହାରିବା ପ୍ରଥମ ଦିନ ଗ୍ରାମରେ ଦଣ୍ଡନାଚ ଯାତ୍ରା ହେବା ପରମ୍ପରା ରହିଛି। ଦଣ୍ଡଦଳ ଗୁଡିକ ଶୁକ୍ରବାରଠାରୁ ବାହାରି କାମନା ଦଣ୍ଡ ସନ୍ଧାନରେ ୧୨ଦିନ ଯାତ୍ରା ପରେ ବିଷୁବ ସଂକ୍ରାନ୍ତିରେ ନିଜ ଗ୍ରାମକୁ ଫେରିବେ । ବିଶେଷ କରି ଶେରଗଡ଼ ବ୍ଲକର କୁଲାଗଡ ଦଣ୍ଡ ଦଳର ଖ୍ୟାତି ରହିଛି । ଏହି ଦଳରେ ବହୁ ଦଣ୍ଡୁଆ ସାମିଲ ହୁଅନ୍ତି । ଚଳିତବର୍ଷ ୧ ହଜାରରୁ ଅଧିକ ଦଣ୍ଡୁଆ ସାମିଲ ହୋଇଛନ୍ତି । ଖିରିଡ଼ା, ବନ୍ଧାଗୁଡା, ବରମୁଣ୍ଡଳି, କୁଲାଗଡ, ଡିଙ୍କିଶାଳ, ଆମ୍ବୁଆବାଡି, ଧଳପୁର,ଅଲାରିଗଡ,କୁରୁଳା, ମିହରକଣା, କାଞ୍ଚିଆମାରେ ଦଣ୍ଡନାଚ ଆରମ୍ଭ ହୋଇଛି ।

### ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଗଞ୍ଜାମ,୨।୪(ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି ୩ ଧରି ଚାଲିଥିବା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଗୁରୁବାର ପ୍ରତ୍ୟାହୃତ ହୋଇଥିବା ଇଓ ଅପର୍ଣ୍ଣା ଡାଙ୍ଗୁଆ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏନଏସିରେ କାର୍ଯ୍ୟରତ କିଛି ସୁଇପରଙ୍କୁ ସାନିଟେସନ ଏକ୍ସପୋଟ ପକ୍ଷରୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଯାହାକୁ ନେଇ କାହିଁକି କାମକୁ ଆସିବାକୁ ବାରଣ କରାଯାଇଛି ବୋଲି ଅନ୍ୟ ସୁଇପର ମାନେ ପ୍ରଶ୍ନ କରିବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୁଇପରମାନଙ୍କ କାର୍ଯ୍ୟ ବନ୍ଦ ହେବା ପରେ ଅଗସ୍ତି ନୂଆଗାଁର କିଛି ନୋଳିଆ ସମ୍ପ୍ରଦାୟ ମହିଳାଙ୍କୁ ସଫେଇ କାର୍ଯ୍ୟରେ ଏନଏସି ନିୟୋଜିତ କରିଥିଲା। ଗୁରୁବାର ସେମାନେ ସହରରେ ସଫେଇ କରୁଥିବା ଖବର ପାଇ ଗଞ୍ଜାମ ଏନଏସିରେ ପୂର୍ବରୁ ସଫେଇ କରୁଥିବା କର୍ମଚାରୀମାନେ ସେଠାରେ ପହଞ୍ଚି ପ୍ରବଳ ହୋ ହଲ୍ଲା କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସବୁ ସମସ୍ୟା ସମାଧାନ ହେବା ସହ ଅସ୍ଥାୟୀ ସୁଇପର ଆନ୍ଦୋଳନରୁ ହଟି ସନ୍ଧ୍ୟାରେ ସଫେଇ କରିଥିଲେ।

### ମା' ଉତ୍ତରାୟଣୀଙ୍କ ଯାତ୍ରା

ବେଲଗୁଣ୍ଠା,୨।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ଠାରେ ମାର୍ଚ୍ଚ ୨୪ରୁ ମା'ଉତ୍ତରାୟଣୀଙ୍କ ଯାତ୍ରା ଚାଲିଛି। ବୁଧବାର ସନ୍ଧ୍ୟାରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମା'ଙ୍କ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ସନ୍ଧ୍ୟା ଆଳତିରେ ଉପସ୍ଥିତ ରହି ପୁଷ୍ପାଞ୍ଜଳି ପ୍ରଦାନ କରିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହ ଆଗାମୀ ବର୍ଷ ଗୁଡିକରେ ମା'ଙ୍କ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ଯାତ୍ରା କମିଟି ସହିତ ଆଲୋଚନା କରିଥିଲେ। ବିଧାୟକଙ୍କ ସହିତ ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ, ପୂର୍ବତନ ସରପଞ୍ଚ ମହନ୍ତ ରାମକୃଷ୍ଣ ଦାଶ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଏବଂ ବହୁ ବ୍ୟକ୍ତି ମା'ଙ୍କ ଦର୍ଶନ କରିଥିଲେ।

# ସର୍ବଭାରତୀୟ ସ୍ତରରେ ଆସିକା ଡାକମଣ୍ଡଳ ପ୍ରଥମ

ଆସିକା,୨।୪(ସୁରେନ୍ଦ୍ର ନାଥ ସାହୁ):

ଡାକ ବିଭାଗ ପକ୍ଷରୁ ସର୍ବଭାରତୀୟ ସ୍ତରରେ ଭାରତୀୟ ଡାକ ପେମେଣ୍ଟସ ବ୍ୟାଙ୍କ ସହ ଡାକଘରର ସଞ୍ଚୟ ବ୍ୟାଙ୍କର ମିଶ୍ରଣ କରି ଜନସାଧାରଣଙ୍କୁ ଅଧିକ ସୁବିଧା ଦେବା ଲାଗି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିକା ଡାକମଣ୍ଡଳ ଦେଶରେ ପ୍ରଥମ ହୋଇଛି । ଆସିକା ଡାକମଣ୍ଡଳ ଅଧିନସ୍ଥ ଜିଲାର ୧୩ଟି ବ୍ଲକରେ ଥିବା ୨୮୬ ଗ୍ରାମୀଣ ଡାକଘର, ୪୫ଟି ଉପଡାକଘର, ୩ଟି ସବଡିଭିଜନ ଡାକଘର ଓ ୨ଟି ମୁଖ୍ୟ ଡାକଘରେ ସମୁଦାୟ ୩,୭୫୧ଜଣଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ମାର୍ଚ୍ଚ ୨୩ରୁ ୩୧ ମଧ୍ୟରେ ରହିଥିବା ସମୟସୀମାରେ ହୋଇଥିବା ଏହି



ଆସିକା ଡାକମଣ୍ଡଳ କାର୍ଯ୍ୟାଳୟ।

କାର୍ଯ୍ୟକ୍ରମରେ ଭଞ୍ଜନଗର ଡାକ ସବଡିଭିଜନରେ ୧୬୦୫, ଆସିକା (ପୂର୍ବ) ଡାକ ସବଡିଭିଜନରେ ୧୧୪୫ ଓ ଆସିକା (ପଶ୍ଚିମ) ଡାକ ସବଡିଭିଜନରେ ୧୦୦୧ ଜଣ ଜମାକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଯାହାଫଳରେ ଏହି ହିତାଧିକାରୀମାନେ ଘରେ ବସି ଅନଲାଇନ ମାଧ୍ୟମରେ ବିଦ୍ୟୁତ କର, ଜଳକର, ମୋବାଇଲ ରିଚାର୍ଜ ଓ ଅର୍ଥ ଦେଣନେଣ କରିବାରେ ସକ୍ଷମ ହେବେ। ଏଥିସହ ୩୨ତମ ଆର.ପି.ଏଲ.ଆଇ ଦିବସରେ ଗ୍ରାମୀଣ ଡାକବୀମା ଡ୍ରାଇଭରେ ୨୮୭୨ଜଣ ନୂତନ ବୀମାଧାରୀଙ୍କୁ ସାମିଲ କରି ୧କୋଟି ୫୪ ଲକ୍ଷ ଟଙ୍କାର ପ୍ରିମିୟମ ସଂଗ୍ରହ ପୂର୍ବକ ଏହି ମଣ୍ଡଳ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଜଣାପଡିଛି। ସେହିଭଳି ପିଏଲଆଇ ଡ୍ରାଇଭରେ ୧୧୯୧ଟି ବୀମାଧୀରଙ୍କ ଠାରୁ ୫୦ ଲକ୍ଷ ଟଙ୍କାର ଜମା ସଂଗ୍ରହ କରି ଏହି ଡାକମଣ୍ଡଳ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଆସିକା ଡାକମଣ୍ଡଳର ମୁଖ୍ୟ ଡାକ ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣଲ ଦିଲୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଉନ୍ନୟନ ଅଧିକାରୀ ଦୀପକ ରଞ୍ଜନ ପାଣିଗ୍ରାହୀ, ମୁଖ୍ୟ ଡାକ ଅଧିକାରୀ କିରଣବାଳା ପଣ୍ଡା, ରଘୁନାଥ ନାୟକ, ଶଶି ରଞ୍ଜନ, ବାବୁଲା ପାତ୍ର, ଅରୁଣ କୁମାର ପାଣିଗ୍ରାହୀ, ରମେଶ ଚନ୍ଦ୍ର ସେଠୀ, ପିଣ୍ଟୁ ମହାନ୍ତି, ରବିନ୍ଦ୍ର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ସୂର୍ଯ୍ୟ ସେଠୀ, ଆନନ୍ଦ ବେହେରା ପ୍ରମୁଖ ସହଯୋଗୀ ଥିଲେ ।

# କୋଟଗଡ଼ ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
# ଅଧ୍ୟକ୍ଷାଙ୍କ ବିରୋଧରେ ଛାତ୍ରଙ୍କ ଅଭିଯୋଗ



ଜିଲାପାଳଙ୍କ କାର୍ଯ୍ୟାଳୟରେ ଛାତ୍ରୀଛାତ୍ର ।

ଫୁଲବାଣୀ, ୨।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା କୋଟଗଡ଼ ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଲାଗି ରହିଥିବା ବିବାଦ ଗୁରୁବାର ଉଗ୍ରରୂପ ଧାରଣ କରିଛି । କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷାଙ୍କ କାର୍ଯ୍ୟ କଳାପରେ ଅତିଷ୍ଠ ହୋଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବାରମ୍ବାର ଏହି କଲେଜରେ ଅଶାନ୍ତି ଲାଗି ରହୁଥିବାରୁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ବ୍ୟାଘାତ ହେଉଛି। ଦାୟିତ୍ୱରେ ଥିବା ଅଧ୍ୟକ୍ଷା ଠିକ୍ ସମୟରେ ଆସୁ ନାହାନ୍ତି। ଅଧିକାଂଶ ସମୟ ଘରେ ରହୁଛନ୍ତି। କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ଡାକି ଘର କାମ କରାଉଛନ୍ତି। ହଷ୍ଟେଲ ଦାୟିତ୍ୱ ଠିକ୍ ଭାବେ ବୁଝୁ ନାହାନ୍ତି । ହଷ୍ଟେଲରେ ପାଣି, ବିଦ୍ୟୁତ ଓ ଫ୍ୟାନର ସମସ୍ୟା ରହିଛି । ଏବେ ଖରା ଦିନ। ଏସବୁ ଦିଗ ପ୍ରତି ଧ୍ୟାନ ଦେଉ ନାହାନ୍ତି । ଛାତ୍ରୀଛାତ୍ରଙ୍କୁ ପୁସ୍ତକ ଏବଂ ପୋଷାକ ଠିକ ସମୟରେ ମିଳୁନାହିଁ। ଏସବୁ ଉପରେ ଛାତ୍ରୀଛାତ୍ରମାନେ ବିରୋଧ କଲେ ମାନସିକ ନିର୍ଯାତନା ଦିଆ ଯାଉଛି। ଜାଣିଶୁଣି ପରୀକ୍ଷା ପତ୍ର ମୂଲ୍ୟାଙ୍କନରେ ତ୍ରୁଟି କରାଯାଉଛି । ଫଳରେ ଆମ ମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି । କଲେଜରୁ ତୁରନ୍ତ ଅଧ୍ୟକ୍ଷାଙ୍କୁ ବଦଳୀ କରାଯାଉ ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ଏନେଇ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର କହିଛନ୍ତି ଯେ, ପିଲାମାନଙ୍କ ସହ ଜିଲାପାଳ ଆଲୋଚନା କରି ସମସ୍ୟା ବିଷୟରେ ଅବଗତ ହୋଇଛନ୍ତି । ଘଟଣାର ତଦନ୍ତ ପାଇଁ ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ଦାୟିତ୍ୱ ଦିଆଯାଇଛି । ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଜାତୀୟସ୍ତରରେ ସୁନାମ ଆଣିଲେ ୬ ଛାତ୍ରୀ



ଚକାପାଦ,୨।୪ (ପ୍ରତାପ କିଶୋର ବେହେରା )

ଚକାପାଦ ବ୍ଲକର ଲାୟନପଡ଼ା ପିଏମଶ୍ରୀ ବରଡ଼ା ବାଲୁଙ୍କେଶର ଉଚ୍ଚ ବିଦ୍ୟାଳୟର ୬ ଛାତ୍ରୀ ରାଜ୍ୟସ୍ତରୀୟ ଭୁବନେଶ୍ୱର ରେଡକ୍ରସ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଇଥିଲେ। ଓଡ଼ିଶାର ୩୦ ଜିଲାରୁ ପ୍ରତିଯୋଗିମାନେ ଅଂଶଗ୍ରହଣ କରିଥିଲେ। ଏହି ଜାତୀୟ ରେଡକ୍ରସରେ ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ଛତିଶଗଡ଼, ତ୍ରିପୁରା, ଜାମ୍ମୁ କାଶ୍ମୀର ଓ ତେଲେଙ୍ଗାନା ରାଜ୍ୟ ଗୁଡ଼ିକରୁ ମଧ୍ୟ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ କେନ୍ଦ୍ରାପଡ଼ା ପ୍ରଥମ ଓ କନ୍ଧମାଳ ଦ୍ୱିତୀୟ ସ୍ଥାନ ପାଇ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଏହି ବିଦ୍ୟାଳୟର ଛାତ୍ରୀମାନେ ହେଲେ ପ୍ରିୟଙ୍କା ପ୍ରଧାନ, ଆକାଂକ୍ଷା ଜାନୀ, ଜଷ୍ମିତା ବେହେରା, ଶ୍ରାବଣୀ ଗଣ୍ଡା, କାବେରୀ ମଲିକ, ସୋଲନି ଦିଗାଲ ଗ୍ରୁପ ସଙ୍ଗୀତରେ କନ୍ଧମାଳର ନା ରଖିଛନ୍ତି। ଗୁରୁବାର ବିଦ୍ୟାଳୟ ତରଫରୁ ଛାତ୍ରୀନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ଡିପିଓ ସଞ୍ଜୟ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲା ଜେଆରସି ଅଧିକାରୀ ପ୍ରଶାନ୍ତ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପଞ୍ଚଶିକ୍ଷା ସେତୁର ସଭାପତି ରାଜେନ୍ଦ୍ର ନାରାୟଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଶିନି ପ୍ରଧାନ ଓ ସମାଜିକ କର୍ମୀ ପ୍ରତାପ କିଶୋର ବେହେରା ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ଛାତ୍ରୀମାନେ ଜାତୀୟସ୍ତରରେ ପହଞ୍ଚିବାରେ ବ୍ଲକ କୋଡ଼ିନେଟର ଶିକ୍ଷକ ସୁଶୀଲ କୁମାର ପରାସେଠଙ୍କ ଉଦ୍ୟମକୁ ଅଭିଭାବକ ମାନେ କୃତଜ୍ଞତା ଜଣାଇଛନ୍ତି। ଗାଇଡ ଶିକ୍ଷକ ସୁଶୀଲ କୁମାର କହଁର, ଶିକ୍ଷୟିତ୍ରୀ ବାସନ୍ତୀ ପ୍ରଧାନ ଛାତ୍ରୀମାନଙ୍କୁ ଗାଇଡ କରିଥିଲେ। ଶିକ୍ଷୟିତ୍ରୀ ମାନିନୀ ପ୍ରଧାନ ମଧ୍ୟ ପରିଚାଳନା କରିଥିଲେ।

## ଘୁମୁସରର ସ୍ୱର ସାହିତ୍ୟ ଆଲୋଚନାଚକ୍ର

ବାଲିପଦର,୨।୪(ବିଶିକେଶନ ସ୍ୱାଇଁ)

ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର ବାଲିପଦର ପକ୍ଷରୁ ଚୈତ୍ର ପୂର୍ଣ୍ଣିମା ଅବସରରେ ୧୬୦ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସମ୍ବର୍ଦ୍ଧନା ସଭା ଓ କବିତା ଆସର ବାଲିପଦର ଫ୍ରେଣ୍ଡସ୍ କ୍ଲବ୍‌ଠାରେ ପ୍ରତିଷ୍ଠାନର ସଭାପତି ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ସାମଜିକ କର୍ମୀ ଜି.ସଞ୍ଜୀବ କୁମାର ପାତ୍ର କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ନାୟକ ଯୋଗଦେଇ ଘୁମୁସର ଅଞ୍ଚଳର ପ୍ରାଚୀନ ସାହିତ୍ୟ କୃତିକୁ ସଂରକ୍ଷଣ କରି ରଖିବା ଆମର ନୈତିକ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଆନ୍ତର୍ଜାତିକ ଖ୍ୟାତି ସମ୍ପର୍ଣ୍ଣ ଡାକ୍ତର ରାଜେନ୍ଦ୍ର କୁମାର ବେହେରାଙ୍କ ସାହିତ୍ୟ କୃତିକୁ ସମ୍ମାନ ଜଣାଇ ପ୍ରତିଷ୍ଠାନ ପକ୍ଷରୁ ଘୁମୁସରର ସ୍ୱର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଡ.ବ୍ରଜ କିଶୋର ପାଢ଼ୀ, ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ଅଧ୍ୟାପକ ଦେବାଶିଷ ସ୍ୱାଇଁ, ପ୍ରଧାନ ଶିକ୍ଷକ ଇ.ନିଳାଞ୍ଚଳ ପାତ୍ର, ନୟନୀ ମହାରଣା, ରାଜେନ୍ଦ୍ର ମହାରଣା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ହରମନ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ




ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ

ଜି.ଉଦୟଗିରି,୨।୪(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଠାରେ ଥିବା ହରମନ ଇଂଲିଶ ମିଡିୟମ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଇଂରାଜୀ ଭାଷାରେ ପାଠ ପଢ଼ି ସୁନ୍ଦର ଭବିଷ୍ୟତ ଗଠନ ନିମନ୍ତେ ଗୁରୁତ୍ୱ ଦିଆଯାଉଥିବା ବହୁ ଛାତ୍ରୀଛାତ୍ର ଏହି ସ୍କୁଲରେ ଅଧ୍ୟୟନ କରୁଛନ୍ତି। ସ୍କୁଲ ପ୍ରତିଷ୍ଠାତା ମ୍ୟାଡାମ ଦିନ୍ତେଙ୍କ ଉପସ୍ଥିତିରେ ସ୍କୁଲ ପ୍ରିନ୍ସପାଲ ଆଲବେର୍ଟ ଟିବିସିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବାର୍ଷିକୋତ୍ସବ କାର୍ଯ୍ୟକ୍ରମକୁ ଭାଇସ ପ୍ରିନ୍ସପାଲ ସାର ପିଟି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନ ଯୋଗଦେଇ ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ବହୁ ସଂଖ୍ୟାରେ ଅଭିଭାବକ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହୋଇଥିବା ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ପାତ୍ରପୁର,୨।୪ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଉପ ଜିଲାପାଳ ଅଭିନାଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ସାମାଜିକ ସମୀକ୍ଷକ ଡ.ରବିନ୍ଦ୍ର ନାଥ ମଲାଣ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ଉପାଧ୍ୟକ୍ଷ ଅନାଦୀ ଚରଣ ପଣ୍ଡିତ ଓ ସହକାରୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ ଉପସ୍ଥିତ ଥିଲେ। ଏପିଓ ପ୍ରଣତୀ ପୁରୋହିତ ପୂର୍ବ ବିବରଣୀ ପଠନ କରିଥିଲେ। ଅନ୍ୟପକ୍ଷରେ ବନ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହୋଇଥିବା ଚାରା ରୋପଣ ଓ ମଜୁରୀ ପ୍ରଦାନ ବିଷୟରେ ସାମନ୍ତିଆପଲ୍ଲୀ ବନପାଳ ଅଭିନାଶ ଚୌଧୁରୀ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ରେଞ୍ଜରଙ୍କ ଅନୁପସ୍ଥିତି ଥିବା ନେଇ ଡେପୁଟି କଲେକ୍ଟର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ପାତ୍ରପୁର ବ୍ଲକ୍‌ରେ ୭,୩୦,୦୦୦ ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ଟାର୍ଗେଟ ରହିଥିବା ବେଳେ ୪୨୯୪୭୪ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ମୋଟ ୨୩୮୮୪ ଜବକାର୍ଡ ଧାରୀ ରହିଥିବା ବେଳେ କେବଳ ୨୭୨ ଜବକାର୍ଡଧାରୀଙ୍କୁ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଦିଆଯାଉଥିବା ତଥ୍ୟ ରହିଛି। ସୀମାନ୍ତ ଓ ଉପାନ୍ତ ଅଞ୍ଚଳରେ ଠିକ ସମୟରେ ଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ହେଉ ନାହାନ୍ତି ତେଣୁ ବିଦ୍ୟାଳୟ ମାନଙ୍କରେ ବାୟୋମେଟ୍ରିକ୍ସ ବ୍ୟବସ୍ଥା କରିବା ପାଇଁ ଜନପ୍ରତିନିଧି ଦାବି କରିଛନ୍ତି। ପାତ୍ରପୁର ଶିକ୍ଷା ବିଭାଗର ଅତିରିକ୍ତ ଗୋଷ୍ଠୀ ଅଧିକାରୀ ସୀମାଞ୍ଚଳ ପାଇକ ପ୍ରାୟ ୧୦ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଥିବା ଯୋଗୁ ଶିକ୍ଷା ବିଭାଗର ଅନିୟମିତତା ଗୁଡିକୁ ଚାପି ଦେବାକୁ ଚେଷ୍ଟା କରୁଛନ୍ତି । ତେଣୁ ଉକ୍ତ ସହକାରୀ ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯାଉ ବୋଲି ଅଭିଯୋଗ ହୋଇଛି। ଜନଶୁଣାଣି ପ୍ରହସନ ପାଲଟିଛି ବୋଲି ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ି ଅଭିଯୋଗ କରିଛନ୍ତି। ଏଥିସହ ଦିବ୍ୟାଙ୍ଗ ସାର୍ଟିଫିକେଟ ନ ପାଇ ବହୁ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଟିଏ ସ୍ଥାନରେ ଦିବ୍ୟାଙ୍ଗ ଭତ୍ତା ନ ପାଇ ଜଣେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବରଙ୍ଗ ସରପଞ୍ଚ ଭି ଦେବୀ ପ୍ରସାଦ ଦାବି କରିଛନ୍ତି।

## ପୃଥକ ସ୍ଥାନରୁ ଗଞ୍ଜେଇ ଜବତ

ବାଲିଗୁଡା/ଖଜୁରିପଡ଼ା,୨।୪
(ସଞ୍ଜୟ କୁମାର ପାଣିଗ୍ରାହୀ/ବିଦୂର ବେହେରା)

ବାଲିଗୁଡ଼ା ଥାନା ଅନ୍ତର୍ଗତ ଲଣ୍ଡାଗାଁ ପଞ୍ଚାୟତ ଜଙ୍ଗଲ ଅଞ୍ଚଳରୁ ପୋଲିସ ୨୦୩୮ କେଜି ଗଞ୍ଜେଇ ଜବତ କରିଛି। ଏନେଇ ନଂ. ୭୮/୨୬ ପ୍ରକାରେ ଏକ ମାମଲା ରୁଜୁ କରାଯାଇଛି। କେହି ଗଞ୍ଜେଇ ମାଫିଆ ଏହି ବେଆଇନ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ପାଇଁ ରଖି ଥିବା ସନ୍ଦେହ କରାଯାଉଥିବା ଥାନା ଅଧିକାରୀ ଶିବରଞ୍ଜନ ସିଂହ କହିଛନ୍ତି। ସେହିପରି ଖଜୁରିପଡ଼ା ଥାନା ବୁଢ଼ାରାକାଡ଼ି ଗ୍ରାମରୁ ତେଲଙ୍ଗାନାକୁ ବସ୍ ଯୋଗେ ଗଞ୍ଜେଇ ଚାଲାଣ କରିବା ବେଳେ ଖବର ପାଇ ପୋଲିସ ୬ ଜଣଙ୍କୁ ଗିରଫ କରିବା ସହ ୨୪ କିଜି ଗଞ୍ଜେଇ ଜବତ କରିଛି। ଏହା ମଧ୍ୟରୁ ୪ଜଣ ତେଲଙ୍ଗାନାର ବୋଲି ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

## ପଟୁଆରରେ ଅବସରପ୍ରାପ୍ତ ଏସ୍‌ପିଙ୍କୁ ବିଦାୟ




ପାରଳାଖେମୁଣ୍ଡି,୨।୪(ଗିରିଧାରୀ ପରିଚ୍ଛା)

ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଗତ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଗୁରୁବାର ସେ ଜିଲା ଛାଡୁଥିବାରୁ ପୋଲିସ କର୍ମୀ ଓ ଜନସାଧାରଣ ପଟୁଆରରେ ନଗର ପରିକ୍ରମା କରାଇ ବିଦାୟ ଦେଇଥିଲେ। ରାଣୀପେଣ୍ଠସ୍ଥିତ ଜିଲା ପୋଲିସ କାର୍ଯ୍ୟାଳୟରୁ ପଟୁଆରରେ ଅବସରପ୍ରାପ୍ତ ଏସ୍‌ପି ପଣ୍ଡାଙ୍କୁ ଅଣାଯାଇ ବାଜା, ବାଣ ଓ ମୋଟରସାଇକେଲ ଶୋଭାଯାତ୍ରା କରି ସହରରେ ବୁଲାଯାଇଥିଲା । ପଣ୍ଡାଙ୍କ ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରାଯାଇଥିଲା। ଲୋକଙ୍କ ଏଭଳି ଆତ୍ମୀୟତା ଦେଖି ପଣ୍ଡା ଭାବବିହ୍ୱଳ ହୋଇପଡୁଥିବାଦେଖାଯାଇଥିଲା ।

# ଆମ ଜନ ଗଣନା ଆମର ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ

ରମ୍ଭା,୨।୪(ବନବାସୀ ସେଠୀ)

ରମ୍ଭା ଏନ୍ଏସିସଭା ଗୃହରେ ୧ତାରିଖଠାରୁ ଜନ ଗଣନା ଦିବସ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇଙ୍କ ତତ୍ତ୍ୱାବଧାନରେ ସ୍ୱ ଗଣନା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ମୋବାଇଲ ଦ୍ୱାରା ସରକାରୀ ପୋର୍ଟାଲ ଦ୍ୱାରା ସ୍ୱଗଣନା କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ। ଏଥିରେ ସମସ୍ତ ଜନ ସାଧାରଣ ସହଯୋଗ କରିବାପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଚାର୍ଜ ଅଫିସର ଆଶାଲତା ରଚମାଳା ରମ୍ଭା ଅଞ୍ଚଳବାସୀଙ୍କୁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ମାର୍ଚ୍ଚ ମାସର ଚତୁର୍ଥ ସପ୍ତାହରେ ୩ ଦିନ ବ୍ୟାପି ରମ୍ଭା ଏନଏସିରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୧ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ। ଏହାକୁ ଫିଲଡ ଟ୍ରେନର ଭାବେ ଡ଼. ସରୋଜ ଦାଶ ଏବଂ ସର୍ବନାମ ଦାଶ ତାଲିମ୍ ପ୍ରଦାନ କରିଥିଲେ।

## କେ.ଏମ୍. ଭାଲିଆସାହି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ




ଆର,ଉଦୟଗିରି,୨।୪(ମନୋଜ ପାଢ଼ୀ):ଆର, ଉଦୟଗିରି ବ୍ଲକ କେ. ଏମ୍. ଭାଲିଆସାହିସ୍ଥିତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର,ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆର, ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ବୀରେନ୍ଦ୍ର କୁମାର ମଣ୍ଡଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ରାୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାହାକ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଗ୍ରାମର ଆଦିକନ୍ଦ ବଣ୍ଡୁଆରାୟ, ଛେଲିଗଡ଼ ଉ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାଙ୍କୁଡ, ଗ୍ରାମବିକାଶ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଶୋକ ବେହେରା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସାଧୁ ଚରଣ ଦଣ୍ଡସେନା ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଶିହଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଆହୁରି ଅଧିକ ଛାତ୍ରୀଛାତ୍ର ଯେଭଳି ନବୋଦୟ ଓ ଅନ୍ୟାନ୍ୟ ପରୀକ୍ଷାରେ ବହୁ ସଂଖ୍ୟାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କର ଅଭିନୟ ଦର୍ଶକ ମାନଙ୍କ ହୃଦୟକୁ ଛୁଇଁ ଥିଲା। ଶିକ୍ଷକ ଯୁଧିଷ୍ଠିର ପାଇକ ମଞ୍ଚ ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବୁଗୁଡ଼ା,୨।୪(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଅନ୍ତରପଡା ମା'ସାଙ୍କୁଳାଇ କଲ୍ୟାଣ ମଣ୍ଡପ ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି। ବୁଗୁଡ଼ା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍.ଦେବାଶିଷ ଦୋରାଙ୍କ ପରିଚାଳନାରେ ଆୟୋଜିତ ଉକ୍ତ କର୍ମଶାଳାରେ ଆତ୍ମାର ଅଧ୍ୟକ୍ଷ ସନ୍ତୋଷ ସାହୁ, ଜିଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା, ସରପଞ୍ଚ ବସନ୍ତ ଶତପଥୀ, ବ୍ଲକ୍ ବିଟିଏମ୍ ଅମରେନ୍ଦ୍ର ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ହରିକୃଷ୍ଣ ସାହୁ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବଦତ୍ତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ନିଜ ନିଜ ବିଭାଗୀୟ ଅଧିକାରୀ ମାନେ ଉଦ୍ୟାନ, କୃଷି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସଂପର୍କିତ ବିଭିନ୍ନ ସରକାରୀ ଯୋଜନା ଓ ଚାଷ ପ୍ରଣାଳୀ ବିଷୟରେ ଆଲୋଚନା କରାଇଥିଲେ। ଉଦ୍ୟାନ ସଂପ୍ରସାରଣ କର୍ମଚାରୀ ରାଜେଶ ସେନାପତିଧନ୍ୟବାଦ ଅର୍ପଣ ଦେଇଥିଲେ।

# ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଉପସ୍ଥିତ ଅଧିକାରୀ ଓ କର୍ମଚାରୀ

ଜି.ଉଦୟଗିରି,୨।୪(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ହବାକ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜସ୍ୱ ବିଭାଗ ତରଫରୁ ୩ ଦିନିଆ ଜାତୀୟ ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଜି.ଉଦୟଗିରି ତହସିଲଦାର ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୩୦ରୁ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା ଶିବିର ପରିଚାଳନା କରିଥିବା ବେଳେ ମୋଟ ୬୯ ଜଣ ଜନଗଣନା ଅଧିକାରୀ ଓ ୧୩ ଜଣ ସୁପରଭାଇଜର ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ଜନଗଣନା ଅଧିକାରୀଙ୍କୁ ଗଣନା ସମୟରେ ସହାୟତା ନିମନ୍ତେ ଆବଶ୍ୟକ ସମସ୍ତ ତଥ୍ୟ ସହ ପ୍ରଶିକ୍ଷଣ ଦିଆଯାଇଥିବା ନେଇ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ପ୍ରଶିକ୍ଷଣ ସମୟରେ ୩୪ଟି ପ୍ରଶ୍ନର ତଥ୍ୟ ଅନଲାଇନ୍ ମାଧ୍ୟମରେ କିପରି ପ୍ରଦାନ କରିପାରିବେ ସେ ନେଇ ସମସ୍ତ ତଥ୍ୟ ସହ ପ୍ରଶିକ୍ଷଣ ଦିଆଯାଇଛି। ଏପ୍ରିଲ ୧୬ ରୁ ମେ' ୧୫ ପର୍ଯ୍ୟନ୍ତ ଜନଗଣନା ଅଧିକାରୀ ଓ ନିରୀକ୍ଷକ ମାନେ ଘରେ ଘରେ ପହଞ୍ଚି ଗୃହ ଗଣନା ଓ ଜନଗଣନା କାର୍ଯ୍ୟ ସମ୍ପନ୍ନ କରିବେ।

## ସରକାରୀ ଜମି ଜବରଦଖଲକାରୀଙ୍କୁ ହଟାଇଲା ପ୍ରଶାସନ

ପାରଳାଖେମୁଣ୍ଡି,୨।୪(ଗିରିଧାରୀ ପରିଚ୍ଛା):

ଗୋଷାଣି ବ୍ଲକ ଅନ୍ତର୍ଗତ ଖରଷଣ୍ଡା ଗ୍ରାମରେ ଏକ ସରକାରୀ ଜମି ଜବରଦଖଲକୁ ନେଇ ଗତବର୍ଷ ଠାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉକ୍ତ ଜମିରୁ ଜବରଦଖଲ ହଟାଇବା ନିମନ୍ତେ ଗୁରାଣ୍ଡି ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏହା ପରେ ବି ବ୍ୟକ୍ତି ଜଣଙ୍କ ଉକ୍ତ ଜାଗାରେ ଝାଟିମାଟି, ଟିଣ ଛପର କରି ଏକ ଅସ୍ଥାୟୀ ପ୍ରାର୍ଥନା ଗୃହ କରିଥିଲେ। ଜିଲା ପ୍ରଶାସନ ତାଙ୍କୁ ସେଠାରୁ ହଟିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଦେଇ ଆସୁଥିଲେ ମଧ୍ୟ ଜବରଦଖଲକାରୀ ହଟୁନଥିଲେ । ଗୁରୁବାର ଜିଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଏବଂ ଗୁରାଣ୍ଡି ପୋଲିସ ଉପସ୍ଥିତିରେ ଜବରଦଖଲ ହୋଇଥିବା ସ୍ଥାନକୁ ଜେସିବି ସାହାଯ୍ୟରେ ଭାଙ୍ଗି ଦିଆଯାଇଛି।

# ମଧ୍ୟପ୍ରାଚ୍ୟ ଯୁଦ୍ଧ: ଗଞ୍ଜାମ ଅଣ୍ଡା ବଜାର ପ୍ରଭାବିତ

ବ୍ରହ୍ମପୁର,୨।୪(ଅଶୋକ କୁମାର ସାହୁ)

■ ଟ୍ରେ ପିଛା ଦର ୩୫ ଟଙ୍କା ଖସିଲା
■ ଆଗାମୀ ଦିନରେ ବିଦେଶକୁ ରପ୍ତାନି ହେବ

ଗଞ୍ଜାମ ଜିଲା ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ରାଜ୍ୟରେ ଏକ ପରିଚୟ ସୃଷ୍ଟି କରିଛି। ଗଞ୍ଜାମ ଲେୟର୍ସ ଫାର୍ମର୍ସ ଆସୋସିଏସନ କୁକୁଡ଼ା ଚାଷୀମାନଙ୍କର ଏକ ସାମୂହିକ ସଂଗଠନ। ପ୍ରାୟ ସମସ୍ତ କୁକୁଡା ଚାଷୀ ଏହି ସଂଗଠନରେ ନିୟୋଜିତ। ଏହି ଆସୋସିଏସନରେ ପ୍ରାୟ ୬୪ କ୍ଷୁଦ୍ର, ମଧ୍ୟମ ଏବଂ ବଡ଼ କୁକୁଡ଼ା ଫାର୍ମ ରହିଛି। ଫାର୍ମ ମାଲିକମାନେ ବାଣିଜ୍ୟିକ ଅଣ୍ଡା ଉତ୍ପାଦନ କରୁଛନ୍ତି। ଗଞ୍ଜାମରୁ ପ୍ରତିଦିନ ୫୦ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଛି। ତଥାପି, ଜିଲାରେ ଉତ୍ପାଦିତ ଅଣ୍ଡାର ୧୦ ପ୍ରତିଶତ ବ୍ୟବହାର ହେଉଛି। ବଳକା ଅଣ୍ଡା ଓଡ଼ିଶାର ଅନ୍ୟାନ୍ୟ ଅଂଶ, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଯୋଗାଣ ହେଉଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଯଦି ରାଜ୍ୟକୁ ଦେଖାଯାଏ ଦୈନିକ ୧ କୋଟି ୧୦ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଛି। ରାଜ୍ୟ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ। ଅନୁଧ୍ୟାନରୁ ଜଣାପଡିଛି ଯେ, ଓଡ଼ିଶାରେ ପ୍ରତିବର୍ଷ ମୁଣ୍ଡପିଛା ଅଣ୍ଡାର ବ୍ୟବହାର ୮୨, ଯାହା ସୁପାରିଶ କରାଯାଇଥିବା ୧୮୦ ତୁଳନାରେ ବହୁତ କମ। ଓଡ଼ିଶାରୁ କୌଣସି ଅଣ୍ଡା ଉପସାଗରୀୟ ଦେଶଗୁଡ଼ିକୁ ରପ୍ତାନି କରାଯାଇ ନଥିଲା ଏବଂ ପଶ୍ଚିମ ଏସିଆରେ ବଢୁଥିବା ସଂଘର୍ଷ ଆମ ବଜାରକୁ ସିଧାସଳଖ ପ୍ରଭାବିତ କରୁନଥିଲେ ବି ପରୋକ୍ଷ ଭାବେ ପ୍ରଭାବିତ କରୁଛି। ପଶ୍ଚିମ ଏସିଆ ଯୁଦ୍ଧ ତେଲୁଗୁ ରାଜ୍ୟ ଏବଂ ତାମିଲନାଡୁରେ କୁକୁଡ଼ା ରପ୍ତାନି ଶୃଙ୍ଖଳାକୁ ଆଘାତ ଦେଇଛି। ଆନ୍ଧ୍ର ପ୍ରଦେଶ ଅଣ୍ଡା ଉତ୍ପାଦନରେ ଏକ ଅତିରିକ୍ତ ରାଜ୍ୟ ଏବଂ ପ୍ରତିଦିନ ୫ କୋଟି ଅଣ୍ଡା ଉତ୍ପାଦିତ କରୁଛି। ଅଣ୍ଡାର ଅଧା ସ୍ଥାନୀୟ ଭାବରେ ବ୍ୟବହୃତ ହେଉଛି। ବାକି ଅନ୍ୟ ରାଜ୍ୟ ଏବଂ ୟୁଏଇ, ଓମାନ ଏବଂ କାତାର ସମେତ ବିଦେଶକୁ ରପ୍ତାନୀ କରାଯାଉଥିଲା। ତେଲୁଗୁ ରାଜ୍ୟ ଏବଂ ତାମିଲନାଡୁରୁ ଉପସାଗରୀୟ ଦେଶଗୁଡ଼ିକୁ ପ୍ରତିଦିନ ୫୦ ଲକ୍ଷରୁ ଅଧିକ ଅଣ୍ଡା ରପ୍ତାନି କରାଯାଉଥିଲା। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ ଉପସାଗରୀୟ ଦେଶଗୁଡ଼ିକୁ ଅଣ୍ଡା ରପ୍ତାନି ବନ୍ଦ ହୋଇଯାଇଛି। ଫଳରେ ସେଠାରେ ଅଣ୍ଡା ମୂଲ୍ୟ ହ୍ରାସ ପାଇଛି। ଆନ୍ଧ୍ର ପ୍ରଦେଶରୁ ଘରୋଇ ବଜାରରୁ ବିପୁଳ ପରିମାଣର ଅଣ୍ଡା ଓଡ଼ିଶା ଆସିବା ପରେ ଓଡ଼ିଶା ଚାଷୀ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଆନ୍ଧ୍ରରେ ପ୍ରତି ଅଣ୍ଡାର ପାଇକାରୀ ମୂଲ୍ୟ ୪.୩୦ ଟଙ୍କାରୁ ହ୍ରାସ ପାଇ ୩.୫୦ ଟଙ୍କା ହୋଇଛି। ଆନ୍ଧ୍ରରେ ଅଣ୍ଡା ପିଛା ଖୁଚୁରା ମୂଲ୍ୟ ୧୦ ଟଙ୍କାରୁ ୮ ଟଙ୍କାକୁ ହ୍ରାସ ପାଇଛି।ପ୍ରତ୍ୟେକ ଦିନ ଆନ୍ଧ୍ର ଏବେ ଓଡ଼ିଶାକୁ ୧୦ରୁ ୧୧ ଟ୍ରକ ଅଣ୍ଡା ପଠାଉଛି। ଏହାକୁ ମୁକାବିଲା କରିବା ପାଇଁ ଓଡ଼ିଶା ଅଣ୍ଡା ପାଇଁ ଦୈନିକ ଅଣ୍ଡାର ପ୍ରତିଯୋଗିତାମୂଳକ ମୂଲ୍ୟ ସ୍ଥିର କରିବାର ବ୍ୟବସ୍ଥା ଯୋଗୁଁ ଓଡ଼ିଶାରେ ଅଣ୍ଡାର ଦର ହ୍ରାସ ପାଇଛି ବୋଲି ଗଞ୍ଜାମ ଲେୟର୍ସ ଫାର୍ମର୍ସ ଆସୋସିଏସନର ସଭାପତି ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମ ଏସିଆ ଯୁଦ୍ଧ ପୂର୍ବରୁ ଓଡ଼ିଶାରେ ଗତ ଜାନୁଆରୀରେ ୧୬୦ ଟଙ୍କାରେ ବିକ୍ରି ହେଉଥିବା ୩୦ଟି ଅଣ୍ଡାର ଏକ ଟ୍ରେ ଏବେ ୧୨୫ ଟଙ୍କାରେ ବିକ୍ରି ହେଉଛି। ପ୍ରାୟ ୩୫ ଟଙ୍କା ଖସିଯାଇଛି। ପ୍ରତି ଅଣ୍ଡାର ପାଇକାରୀ ମୂଲ୍ୟ ୫.୩୦ ଟଙ୍କାରୁ ୪.୧୫ ଟଙ୍କାକୁ ହ୍ରାସ ପାଇଛି। ସେହିପରି, ଖୁଚୁରା ମୂଲ୍ୟ ୬.୫୦ ଟଙ୍କାରୁ ୫ ଟଙ୍କାକୁ ହ୍ରାସ ପାଇଛି, ପଶ୍ଚିମ ଏସିଆ ଯୁଦ୍ଧ ପରେ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ଆସିଥିବା ବଳକା ଅଣ୍ଡା, ଓଡ଼ିଶାକୁ ଦୁଇ ରାଜ୍ୟ ମଧ୍ୟରେ ବଜାର ଯୁଦ୍ଧ ଆଡ଼କୁ ଠେଲି ଦେଇଛି ଯାହା ଦ୍ୱାରା ଆନ୍ଧ୍ର ଅଣ୍ଡା ଓଡ଼ିଶା ବଜାରରେ ପ୍ରଭାବ ବିସ୍ତାର କରିପାରିବ ନାହିଁ ବୋଲି ଶୁଭେନ୍ଦୁ କହିଛନ୍ତି। ଏଠାରୁ ବାହାରକୁ ଅଣ୍ଡା ଯିବା ସୁବିଧା ହୋଇନଥିଲେ ବି ଆଗାମୀ ଦିନରେ ସେ ସୁବିଧା ମିଳିବ ବୋଲି ଆଶା କରାଯାଉଛି। ଯୁଦ୍ଧ ବନ୍ଦ ହେଲେ ଓଡ଼ିଶାରୁ ବାହାରକୁ ଅଣ୍ଡା ରପ୍ତାନୀ ପାଇଁ ଉଦ୍ୟମ କରାଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ରାୟଗଡ଼ା ଜିଲା ଶିରିଗୁଡ଼ାରେ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କଲା ଟିପିଏସ୍ଓଡିଏଲ୍



ବ୍ରହ୍ମପୁର,୨।୪(ସୁବାସ ଚନ୍ଦ୍ର ପାଢ଼ୀ) ଟିପିଏସଓଡିଏଲ୍ରୁ ରାୟଗଡ଼ା ଜିଲା ଶିରିଗୁଡ଼ାଠାରେ ୩୩ କେଭି ଲାଇନ ଓ ପ୍ରାଇମେରୀ ସବଷ୍ଟେସନ ପ୍ରତିଷ୍ଠା କରିଛିି । ଗୁଡ଼ାରୀ ଅଞ୍ଚଳ ବିଦ୍ୟୁତ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ପ୍ରତିଷ୍ଠିତ ଏହି ପ୍ରକଳ୍ପ ଶିରିଗୁଡା, ଭୁରୁକୁଣ୍ଡୁ, ଗୁମି, ଆସାଡା, ବିଜାପୁର, ଗରଦାମା, ସାରମୁଲି ଏବଂ ହନୁମନ୍ତପୁର ପଞ୍ଚାୟତ ଗ୍ରାହକ ଉପକୃତ ହେବେ। ୩୫୦୦ରୁ ଅଧିକ ଗ୍ରାମୀଣ ଏବଂ ୩ହଜାର ସହରୀ ଉପଭୋକ୍ତା ଉନ୍ନତ ବିଦ୍ୟୁତ ପାଇବେ । ଆରଓଡବ୍ଲୁ ଜନିତ ଚ୍ୟାଲେଞ୍ଜ, ଭିତ୍ତିଭୂମି ପ୍ରତିବନ୍ଧକ ଏବଂ ସ୍ଥାନୀୟ ସ୍ତରର ସମସ୍ୟା ରହୁଥିଲା। ଟିପିଏସଓଡିଏଲ ଏହାର ଏକ ସ୍ଥାୟୀ ସମାଧାନ କରିଛି। ମୁଖ୍ୟକାର୍ଯ୍ୟନିର୍ବାହୀଅଧିକାରୀଅମିତକୁମାର ଗର୍ଗ କହିଛନ୍ତି ଯେ, ପ୍ରତ୍ୟେକ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଜୁଳିସେବା ଯୋଗାଇବା ନିମନ୍ତେ ଆମେ ଚେଷ୍ଟା ଜାରି ରଖିଛୁ ।

## ବ୍ରହ୍ମପୁରରେ ଜନଗଣନା ଆପ୍ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମେୟରଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨।୪(ଅଶୋକ କୁମାର ସାହୁ)

ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଚାଲିଥିବା ଜନଗଣନା ପ୍ରଶିକ୍ଷଣ ଶିବିର ଗୁରୁବାର ସରିଛି। ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ପ୍ରଶିକ୍ଷଣ ନେଇଥିଲେ। କେମିତି ଜନଗଣନା କରାଯିବ ସେ ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ସରିବା ପରେ ବିଏମସି ମେୟର ଏକ ଆପ୍ ଉଦଘାଟନ କରିଥିଲେ। ଉକ୍ତ ଆପ ହେଲା ଏସସି.ସେନସସ.ଗଭର୍ନମେଣ୍ଟ.ଇନ। ଗୁଗଲକୁ ଯାଇ ଏହି ଆପ୍ ଖୋଲିବାକୁ ପଡିବ ବୋଲି ମେୟର କହିଛନ୍ତି। ଉକ୍ତ ଆପ ଜରିଆରେ ଲୋକେ ନିଜର ସମସ୍ତ ତଥ୍ୟ ଦେବାକୁ ପଡିବ। ଯେଉଁମାନେ ଜାଣିପାରୁନାହାନ୍ତି ସେମାନଙ୍କ ନିକଟକୁ ଏନୁମେରେଟରମାନଙ୍କୁ ପଠାଯିବ ବୋଲି କୁହାଯାଇଛି। ଲୋକେ ସହଯୋଗ କରନ୍ତୁ ବୋଲି ମେୟର କହିଛନ୍ତି। ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଲୋକେ ନିଜେ ତଥ୍ୟ ଦେବେ। ପ୍ରାୟ ୩୩ ପ୍ରଶ୍ନର ଉତ୍ତର ଦେବାକୁ ପଡିବ ବୋଲି ପ୍ରଶିକ୍ଷଣ ନେଉଥିବା ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା କହିଛନ୍ତି। ୧୬ ପରେ ମେ ୧୫ ପର୍ଯ୍ୟନ୍ତ କର୍ମଚାରୀମାନେ ପ୍ରତି ଘର ବୁଲି ତଥ୍ୟ ସଂଗ୍ରହ କରିବେ ବୋଲି ସେ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, କମିଶନର ଏ.ଶସ୍ୟା ରେଡ୍ଡୀ, ଡେପୁଟି ମେୟର ପ୍ରମୁଖ ଉପସ୍ଥିତ ଥିଲେ।

## ଘର ଭିତରୁ ଗାଡ଼ି ନେଇଗଲେ

ବ୍ରହ୍ମପୁର, ୨।୪(ସୁବାସ ଚନ୍ଦ୍ର ପାଢ଼ୀ) ଘର ଭିତରୁ ଏକ ସ୍କୁଟି ଗାଡ଼ି ଚୋରି ହୋଇଛି। ଅନନ୍ତନଗରରେ ରହୁଥିବା ଚନ୍ଦ୍ରଶେଖର ସାବତ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ସହାୟତାରେ ଲୁଟେରାଙ୍କୁ ଧରିବା ଯୋଜନା କରୁଛି। ଗତ ୩୧ ତାରିଖ ରାତ୍ର ଚନ୍ଦ୍ରଶେଖର ନିଜର ସ୍କୁଟି ନଂ (ଓ ୦୭ ବିଡ଼ି- ୭୨୬୨) ଘର ବାରଣ୍ଡାରେ ପାର୍କିଂ କରି ଗ୍ରୀଲରେ ତାଲା ପକାଇ ଦେଇଥିଲେ। ସକାଳୁ ଉଠି ଦେଖିବା ବେଳେ ଘର ସମ୍ମୁଖ ଭାଗ ଗ୍ରୀଲ ତାଲା ଭାଙ୍ଗି ତାଙ୍କର ସ୍କୁଟିକୁ କେହି ଦୁର୍ବୃତ୍ତ ନେଇଯାଇଛନ୍ତି। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ଥାନାରେ ଅଭିଯୋଗ କରିଥିଲେ।

## ଶ୍ରମକୋଡ ବାତିଲ ଦାବିରେ ଶ୍ରମିକଙ୍କ କଳାଦିବସ




ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ବ୍ରହ୍ମପୁର,୨।୪(ଅଶୋକ କୁମାର ସାହୁ) ଶ୍ରମ କୋଡ଼ ଏପ୍ରିଲ ପହିଲାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେଣୁ ଏହା ବିରୋଧରେ ଶ୍ରମିକ କଳା ଦିବସ ପାଳନ କରିଛନ୍ତି। ନୂଆ କୋଡ଼ କାର୍ଯ୍ୟକାରୀ ହେଲେ ମାଲିକ ମାନେ ଶ୍ରମିକ ମାନଙ୍କୁ ଗୋତି ଶ୍ରମିକ ଭଳି ଦେଖିବେ। ସେହିଭଳି ଅସ୍ଥାୟୀ ଓ ଚୁକ୍ତି ଭିତ୍ତିକ ନିଯୁକ୍ତି, ଶହେ ପରିବର୍ତ୍ତେ ୩ଶହ ପର୍ଯ୍ୟନ୍ତ ଶ୍ରମିକ କାର୍ଯ୍ୟ କରୁଥିବା ସଂସ୍ଥାରେ ବନ୍ଦ ପାଇଁ କୋହଳ ନୀତି ଗ୍ରହଣ ଯୋଗୁଁ ୮୦ ପ୍ରତିଶତ ଶ୍ରମିକ ଶ୍ରମ ଆଇନ ପରିସର ବାହାରକୁ ଚାଲିଯିବେ। ସେହିଭଳି ଶ୍ରମିକଙ୍କ ମୁଖ୍ୟ ହତିଆର ସଂଗଠନ ଓ ଧର୍ମଘଟକୁ ଅକାମୀ କରିବା ଯୋଜନା କରାଯାଇଛି। ଶ୍ରମିକ ମାନଙ୍କ ମଜୁରୀ, ବୋନସ ଓ ପେନସନଭଳି ସାମାଜିକ ସୁରକ୍ଷା କ୍ଷେତ୍ରରେ ଥିବା ପ୍ରଚଳିତ ବ୍ୟବସ୍ଥାକୁ ପରିବର୍ତ୍ତନ କରି ମାଲିକ ମର୍ଜି ଚାଲିବ। ଶ୍ରମିକ ମାନଙ୍କ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା, ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ଚାକିରୀ ସର୍ତ୍ତାବଳି ଗୁଡ଼ିକୁ ମାଲିକ ଲାଭ ସର୍ବସ୍ୱ ନୀତିରେ ପରିବର୍ତ୍ତନ କରାଯାଇଛି। ସେହିଭଳିକୋଟି କୋଟି ଅସଙ୍ଗଠିତ ଶ୍ରମିକଙ୍କ ମଜୁରୀ ଓ ସାମାଜିକ ସୁରକ୍ଷା ଯୋଜନାକୁ ଦୁର୍ବଳ କରାଯାଇଛି। ତେଣୁ ଶ୍ରମିକଙ୍କ ପାଇଁ ଏହା ଏକ କଳା ଆଇନ। ଏହାକୁ ବାତିଲ କରିବା ପାଇଁ କେନ୍ଦ୍ରୀୟ ସଂଗଠନ ଗୁଡ଼ିକ ଗୁରୁବାର ବ୍ରହ୍ମପୁରସ୍ଥ ଯୁଗ୍ମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତ ପାଟଯୋଶୀ,ପ୍ରବୀଣ ଦାସ, କାମଦେବ ନାହାକ , ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଭୋକଲି ସେଠି, ସୋମନାଥ ପାତ୍ର, ସତ୍ୟ ତ୍ରିପାଠୀ ଶ୍ରମିକ ନେତା ,ଅଳକ ମିଶ୍ର, ପ୍ରଫୁଲ୍ଲ ଜେନା ପ୍ରମୁଖ ଯୋଗଦେଇଥିଲେ।

## ୪୧ ସିଲିଣ୍ଡର ଜବତ, ମାମଲା ରୁଜୁ କଲା ଯୋଗାଣ ବିଭାଗ

ଦିଗପହଣ୍ଡି,୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ୍ ଅଞ୍ଚଳରେ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାର ଅଭିଯୋଗରେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ ଏବଂ ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଖାଦ୍ୟ ଯୋଗାଣ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ଦିଗପହଣ୍ଡି ବ୍ଲକ୍‌ବି.ତୁରୁବୁଡି ଗ୍ରାମରେ ଯୋଗାଣ ବିଭାଗ ଅଧିକାରୀ ଚଢ଼ାଉ କରି ବେଆଇନ ଭାବେ ରନ୍ଧନ ଗ୍ୟାସ ସିଲିଣ୍ଡର ମହଜୁଦ କରି କଳାବଜାରରେ ଖାଉଟିଙ୍କୁ ବିକ୍ରି କରୁଥିବା ଟି.ଲକ୍ଷ୍ମୀ ନାରାୟଣ ପାତ୍ର ଓରଫ ମିଟୁ ପାତ୍ରଙ୍କ ଠାରୁ ସମୁଦାୟ ୨୮ ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର୍ ଜବତ କରିଛନ୍ତି। ମିଟୁ ନିଜ ଡାଲା ଅଟୋରେ ଗ୍ୟାସ୍ ସିଲିଣ୍ଡର ବୋଝେଇ କରି ବିକ୍ରି ପାଇଁ ନେଉଥିବା ବେଳେ ଚଢାଉ ହୋଇଥିଲା। ଯୋଗାଣ ଅଧିକାରୀ ବୃନ୍ଦ ମିଟୁଙ୍କ ଘର ଓ ଅଟୋ ରୁ ୨୮ ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରିଥିବା ବେଳେ କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ଗ୍ରାମର ଚିତ୍ର ଜେନାଙ୍କ ଘରୁ ୧୧ ଟି ଖାଲି ସିଲିଣ୍ଡର ଜବତ କରିଥିଲେ।

## ଅନ୍ତରବାଟିଆରେ ୧୩ ଦିନିଆ ଦଣ୍ଡ ଆରମ୍ଭ



ବାହାରିଥିବା ଦଣ୍ଡ ଦଳ।

ବ୍ରହ୍ମପୁର,୨।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟ ଅନ୍ତରବାଟିଆ ଗ୍ରାମର ମା' ଦକ୍ଷିଣେଶ୍ୱରୀ ରୁଦ୍ର ଦଣ୍ଡ କାଳୀଙ୍କ ୩୮ତମ ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ସକାଳୁ ମାନସିକଧାରୀମାନେ ପାରମ୍ପରିକ ବସ୍ତ୍ର ପିନ୍ଧି ମନ୍ଦିରର ମେରୁପୀଠରେ ସମବେତ ହୋଇଥିଲେ। ଗାଁ ପୋଖରୀରେ ପୂଜାର୍ଚ୍ଚନା ପରେ ଦଣ୍ଡୁଆମାନେ ସଂକଳ୍ପ ନେଇ ୧୩ ଦିନ ପାଇଁ ପଇତା ଧାରଣ କରିଥିଲେ। ମାଆଙ୍କ ପ୍ରଭା ମିଳନ, ହରଗୌରୀ ଖଟୁଲି, ଚମ୍ପାବଢ଼, ଢୋଲ ଓ ଦଣ୍ଡ ଆଦିକୁ ପୂଜାର୍ଚ୍ଚନା କରି ଜୀବଦାନ କରାଯାଇଥିଲା। ପୁରୋହିତ ଭାବେ ବନୋଜ କୁମାର ଶତପଥୀ ଓ କର୍ତ୍ତା ଭାବେ ଭିକାରୀ ଦାସ,ସୁଶାନ୍ତ ଦାସ,ବସନ୍ତ ଦାସ ରହି ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ଢୋଲିଆ ବିକ୍ରମ ଦାସ, ପ୍ରଭା ପାଇଁ କାଳିଆ ଦାସ କମିଟିର ରାମହରି ଦାସ, ବିପ୍ର ଦାସ, ଗୋବିନ୍ଦ ଦାସ, ଶ୍ୟାମସୁନ୍ଦର ଦାସ, କୃଷ୍ଣ ଦାସ, ନୀଳମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପଡୋଶୀଙ୍କୁ ଆକ୍ରମଣ, ଜେଲଗଲେ ଅଭିଯୁକ୍ତ

ଦିଗପହଣ୍ଡି,୨।୪(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମର ଏସ.ଅର୍ଜୁନ ଦୋରା ବୁଧବାର ସନ୍ଧ୍ୟାରେ ତାଙ୍କ ପଡୋଶୀ ଏସ.ସଦାନନ୍ଦ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ ସଦାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ସଦାନନ୍ଦଙ୍କ ସ୍ତ୍ରୀ ଏସ୍.ସୁଲଭ ଦୋରା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ମାମଲା ନଂ.୧୩୯/୨୬ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ଗୁରୁବାର ତଦନ୍ତକାରୀ ଅଧିକାରୀ ଏସଆଇ ରାଜ କିଶୋର ପାତ୍ର ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ନିକଟରୁ ଲାଠି, ପଥରଖଣ୍ଡ ଜବତ କରିବା ସହ କୋର୍ଟ ଚାଲାଣ କରିଥିଲେ।

## ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭଞ୍ଜବିହାରର କୃତିତ୍ୱ



ବ୍ରହ୍ମପୁର,୨।୪(ସୁବାସ ଚନ୍ଦ୍ର ପାଢ଼ୀ) ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୃତୀତ୍ୱ ହାସଲ କରିଛି। ମାର୍ଚ୍ଚ ୨୮ ରୁ ୩୧ ପର୍ଯ୍ୟନ୍ତ ଚାଲିଥିବା ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୩୮ ପ୍ରତିଯୋଗୀ, ୨ ଜଣ ଟିମ ମ୍ୟାନେଜର ଅଧ୍ୟାପିକା ଅସ୍ମିତା ବେଉରା ଏବଂ ରଶ୍ମି ରେଖା ଜେନା ସାମିଲ ଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ୪ ପୁରସ୍କାର ମିଳିଛି। କୁଇଜରେ ଦେବଂଶୀ ମିଶ୍ର ଏବଂ ଶୁଭପ୍ରିୟା ମିଶ୍ର ପ୍ରଥମ, ଇଂରାଜୀ କବିତା ଲେଖନୀରେ ସାଇ ସୋନାଲି ପତି ଦ୍ୱିତୀୟ, ଓଡ଼ିଆ ବକ୍ତୃତାରେ ସ୍ୱସ୍ତି ସୁନ୍ଦର ସିଂହ ଏବଂ ପ୍ରୀତି ପ୍ରଭା ମହାପାତ୍ର ଦ୍ୱିତୀୟ ଏବଂ ଦଳଗତ ଲୋକ ନୃତ୍ୟ ତୃତୀୟ ସ୍ଥାନ ଅଧିକାର କରିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସଚ୍ଚିଦାନନ୍ଦ ନାୟକ,ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, ସାଂସ୍କୃତିକ ସଂଯୋଜିକା ଡ଼. ସରିତା ଦାଶ, ଯୁଗ୍ମ କୁଳସଚିବ ଡ଼. ବାବୁଜୀ ସାମଲ ଏବଂ ସହ କୁଳସଚିବ ଡ଼. ସରୋଜ କୁମାର ଦାଶ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ

ଦିଗପହଣ୍ଡି,୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହରାଞ୍ଚଳରେ ଗୁରୁବାର ଠାରୁ ଜନଗଣନା ଶୁଭାରମ୍ଭ ହୋଇଛି। ଆସନ୍ତା ୧୫ ତାରିଖ ଯାଏ ସ୍ୱଗଣନା ଏବଂ ୧୬ରୁ ମେ ୧୫ ପର୍ଯ୍ୟନ୍ତ ଘର ଘର ବୁଲି ଗୃହଗଣନା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଜଣାଇଛନ୍ତି। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ଏନଏସିର ପ୍ରଥମ ନାଗରିକ ରୂପେ ନଗରପାଳ ପ୍ରଫୁଲ୍ଲ ପଣ୍ଡା ନିଜ ମୋବାଇଲରେ ସେନସସ୍ ୱେବସାଇଟ ମାଧ୍ୟମରେ ନିଜ ଗୃହର ତଥ୍ୟ ଦେଇଥିଲେ। କାଉନସିଲର ସୁଶାନ୍ତ କୁମାର ପାତ୍ର, ଦୀପକ ମିଶ୍ର, ସୁନିଲ କୁମାର ପଣ୍ଡାଙ୍କ ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଓଡ଼ିଆ ଭାଷା ଓ ସଂସ୍କୃତି ଆମର ଶକ୍ତି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର, ୨।୪ (ସୁବାସ ଚନ୍ଦ୍ର ପାଢ଼ୀ) ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟା ସଂସ୍କାର ଆରମ୍ଭ ସହିତ ଉତ୍କଳ ଦିବସ ନେଇ ସଭା ହୋଇଥିଲା। ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା, ସହ ପ୍ରଧାନ ଆଚାର୍ଯ୍ୟ ପତିତପାବନ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଓଡ଼ିଶାର ଭାଷା ଆଧାରିତ ଆନ୍ଦୋଳନର ଗୌରବକୁ ଉଲ୍ଲେଖ କରିଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତି ହିଁ ଆମର ଶକ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ରାମ ନାରାୟଣ କଲେଜ ଇତିହାସ ଅଧ୍ୟାପକ ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ ଉତ୍କଳର ଗୌରବ ଗାଥାକୁ ଉପସ୍ଥାପନା କରିଥିଲେ । ସ୍କୁଲ ସଭାପତି ଓ ସମ୍ପାଦକ ପ୍ରଦୀପ କୁମାର ଦାଶ ଓ ପ୍ରକାଶ ଚନ୍ଦ୍ର ପାତ୍ର ଉତ୍କଳ କଳା ସଂସ୍କୃତିର ପରିଚୟ ଉପରେ କହିଥିଲେ। ଯୁଧିଷ୍ଠିର ସାହୁ ଧନ୍ୟବାଦ ଦେଇଥିଲେ।

## ଭାଜପାର ପ୍ରଶିକ୍ଷଣ ମହାଅଭିଯାନ



କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨।୪(ଅଶୋକ କୁମାର ସାହୁ)

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ଗୋପାଳପୁର ବିଧାନସଭା ଅନ୍ତର୍ଗତ ୬ ମଣ୍ଡଳକୁ ନେଇ ସ୍ଥାନୀୟ ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ, ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି, ଜିଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା,ସିଦ୍ଧାନ୍ତ ଗଙ୍ଗଦେବ,ଗଙ୍ଗାଧର ଶତପଥୀ,ସୁରେଶ ପାଢ଼ୀ,ମହନ୍ତ ଚିନ୍ମୟାନନ୍ଦ ଦାସ,ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତୁତୁନ ପାତ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଭାଜପାର ନୀତି ଓ ଆଦର୍ଶ ଓ ଦଳୀୟ କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକର୍ତ୍ତାମାନେ ପ୍ରଶିକ୍ଷିତ ହୋଇ ଦେଶ ଏବଂ ରାଜ୍ୟର ବିକାଶରେ ସାମିଲ ହେବା ସହ ସେମାନଙ୍କର ଅବଦାନ ରହିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ପ୍ରଶିକ୍ଷକ ଭାବେ ଶିବ ଶଙ୍କର ସତପଥୀ, ରଜତ ପଣ୍ଡିତ, ଶିବ ଶଙ୍କର ନାୟକ, ରାଜେଶ ସାହୁ,ମଧୁସ୍ମିତା ଠାକୁର ଯୋଗଦେଇଥିଲେ। ପ୍ରଭାତ କିରଣ ଷଡ଼ଙ୍ଗୀ, ସୁନିଲ କୁମାର ସାହୁ ବି. ରବି ରାଓ ସହଯୋଗ କରିଥିଲେ ।

## ଅର୍ଥନୀତି ବିଭାଗର ବିଦାୟ ସମ୍ବର୍ଦ୍ଧନା

ବ୍ରହ୍ମପୁର, ୨।୪ (ସୁବାସ ଚନ୍ଦ୍ର ପାଢ଼ୀ)

ବିନାୟକ ଆଚାର୍ଯ୍ୟ କଲେଜ ସ୍ନାତକ ଓ ସ୍ନାତକୋତ୍ତର ଅର୍ଥନୀତି ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ହୋଇ। ସ୍ନାତକୋତ୍ତର ଅର୍ଥନୀତି ବିଭାଗ ମୁଖ୍ୟ ଡ. ଶିବାନୀ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧକ୍ଷ ଡ. ଦେବରାଜ ସ୍ୱାଇଁ ଯୋଗଦେଇ ବୈଶିକ ଆର୍ଥନୀତିକ ସ୍ଥିତି ଉପରେ କହିଥିଲେ। ପ୍ରାଶାସନିକ ଅଧିକାରୀ ଗଣିତ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ବେହେରା ଓ ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ ଆମନ୍ତ୍ରିତ ଅତିଥି ରୂପେ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଜୀବନର ଲକ୍ଷ୍ୟ ନିରୂପଣ କରିବାକୁ ପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗ ସହକାରୀ ସହକାରୀ ପ୍ରଫେସର୍ ଟୁନା ଚିନ୍ତାଲୁ, ଅଧାପିକା ସ୍ନେହାସିନୀ ପ୍ରଧାନ, ଅତିଥି ଅଧାପକ ଶ୍ୱେତକ ପଲକ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, - Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka

**ROLAND INSTITUTE OF TECHNOLOGY**
**SURYA VIHAR, BERHAMPUR - 761008**

**ACADEMIC POSITIONS**

Applications are invited from eligible candidates for the post of **Professor, Associate Professor and Asst. Professor** for the following Branches/subjects

**COMPUTER SCIENCE | CSE (AI&ML) | CIVIL | ELECTRICAL | ELECTRONICS | MECHANICAL | MBA | MCA | DIPLOMA | ENGLISH | PHYSICS | CHEMISTRY | MATHS**

1 Educational Qualification and Pay Scales as per AICTE Norms.
2. Qualified and interested candidates should send their resumes and self-attested copies of educational documents, Experience Certificate, Aadhar Card and Pan Card with passport size photograph to the Email ID: **principal_rit@roland.ac.in** within 7 days from the date of publication of this advertisement.

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | *RWD/ CHAIBASA/ 05/2023-24* | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | *30208200* | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

